# NATIONAL NEWS BULLETIN (ODIA)

**24 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଲୋକସଭା ଓ ରାଜ୍ୟସଭାରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଅଚଳାବସ୍ଥା ଜାରି, ଅପରାହ୍ଣ ୨ଟା ଯାଏ ଉଭୟ ସଦନ ମୁଲତବୀ ।

- ଭାରତ-ବ୍ରିଟେନ୍ ସମ୍ପର୍କ ଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ସ୍ୱାକ୍ଷରିତ ହେବ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ।

- ୨୦୦୬ ମସିହାରେ ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ଘଟଣାରେ ବମ୍ବେ ହାଇକୋର୍ଟଙ୍କ ରାୟ ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ ।

- ୫ ବର୍ଷର ବ୍ୟବଧାନ ପରେ ଆଜିଠାରୁ ଚୀନ୍ ନାଗରିକଙ୍କୁ ପର୍ଯ୍ୟଟନ ଭିସା ପ୍ରଦାନ କରିବା ଆରମ୍ଭ କରିଛି ଭାରତ ।

ଏବଂ

- ଆଣ୍ଡର୍ସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ପ୍ରଥମ ଇନିଙ୍ଗ୍‌ସ ବ୍ୟାଟିଂ ଜାରି ରଖିବ ଭାରତ ।

## ଲୋକସଭା ଆଡଜର୍ଣ୍ଣଡ

ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଙ୍କ ହଟ୍ଟଗୋଳ ପରେ ଆଜି ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଲୋକସଭାକୁ ମୁଲତବୀ ରଖାଯାଇଛି । ପୂର୍ବାହ୍ଣ

୧୧ଟାରେ ଅଧିବେଶନ ଆରମ୍ଭ ହେବା ମାତ୍ରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନୋତ୍ତର କାଳ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ଗୃହର ମଧ୍ୟଭାଗକୁ ଆସି ସ୍ଲୋଗାନ ଦେବା ସହ ପ୍ଲା-କାର୍ଡ ପ୍ରଦର୍ଶନ କରିଥିଲେ । ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଗୃହ ମଧ୍ୟରେ ବିରୋଧୀ ସଦସ୍ୟମାନେ ପ୍ଲା-କାର୍ଡ ପ୍ରଦର୍ଶନ କରିବା ମର୍ଯ୍ୟାଦାଜନକ ନୁହେଁ ।

**V/O (Om Birla)**

ଶ୍ରୀ ବିର୍ଲା କହିଥିଲେ ପ୍ରଶ୍ନୋତ୍ତର ସମୟ ଶେଷ ହେବା ପରେ ବିରୋଧୀଦଳ ଗୁଡ଼ିକର ଦାବି ଅନୁଯାୟୀ ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କୁ ଉପସ୍ଥାପନ କରିବା ଲାଗି ଅନୁମତି ଦିଆଯିବ । କିନ୍ତୁ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିଲେ । ଫଳରେ ବାଚସ୍ପତି ଓମ୍ ବିର୍ଲା ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ । କୋଳାହଳ ମଧ୍ୟରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଦେଶବ୍ୟାପୀ ସିଏନ୍‌ଜି ବ୍ୟବସ୍ଥା ସମ୍ପର୍କରେ ଉତ୍ତର ରଖିଥିଲେ ।

## ଆର୍‌ଏସ୍ ଓଥ୍

ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ଆଜି ପୂର୍ବାହ୍ନରେ ନୂତନଭାବେ ମନୋନୀତ ସଦସ୍ୟ ଉଜ୍ଜ୍ୱଳ ନିକମଙ୍କୁ ଶପଥପାଠ କରାଇଛନ୍ତି । ଶ୍ରୀ ନିକମ ମରାଠୀ ଭାଷାରେ ଶପଥଗ୍ରହଣ କରିଥିଲେ । ଶ୍ରୀ ହରିବଂଶ ସୂଚନା

ଦେଇଥିଲେ ଯେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଦେଶବ୍ୟାପୀ ସାଇବର ଠକେଇ ସମେତ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀଦଳ ଗୁଡ଼ିକ ପକ୍ଷରୁ ୩୦ଟି ସ୍ଥଗିତାଦେଶ ନୋଟିସ୍ ପାଇଛନ୍ତି । ତେବେ ଉପାଧ୍ୟକ୍ଷ ଏସବୁ ନୋଟିସ୍ ଗୁଡ଼ିକୁ ବିଭିନ୍ନ ସାମ୍ବିଧାନିକ ନିୟମ ଆଧାରରେ ପ୍ରତ୍ୟାଖାନ କରିଛନ୍ତି ।

ଆଜି ମଧ୍ୟ ଚେନ୍ନାଇରୁ ନିର୍ବାଚିତ ହୋଇଥିବା ୬ଜଣ ଅବସରପ୍ରାପ୍ତ ସଦସ୍ୟଙ୍କୁ ରାଜ୍ୟସଭା ବିଦାୟ ଦେଇଛି । ସେମାନେ ହେଉଛନ୍ତି ଡିଏମ୍‌କେର ଏମ୍. ମହମ୍ମଦ ଅବଦୁଲ୍ଲା, ଏମ୍. ସନମୁଗମ ଏବଂ ପି. ୱିଲସନ, ଏଆଇଏଡିଏମ୍‌କେର ଏନ୍. ଚନ୍ଦ୍ରଶେଘରନ, ଏମ୍‌ଡିଏମ୍‌କେର ଭାଇକୋ ଏବଂ ଡିଏମ୍‌କେର ଅନମ୍ବୁମଣି ରାମ୍‌ଦୋସ । ତେବେ ଶ୍ରୀ ୱିଲସନ ପୁର୍ନବାର ନିର୍ବାଚିତ ହୋଇଥିବାରୁ ଆସନ୍ତାକାଲିଠାରୁ ତାଙ୍କର କାର୍ଯ୍ୟକାଳ ପୁଣି ଆରମ୍ଭ ହେବ ।

ଗୃହର ଉପାଧ୍ୟକ୍ଷ ହରିବଂଶ ତାଙ୍କ ଅଭିଭାଷଣରେ କହିଛନ୍ତି ପ୍ରତ୍ୟେକ ସଦସ୍ୟ ଗୃହର ଆଲୋଚନାରେ ଅର୍ଥପୂର୍ଣ୍ଣ ଅବଦାନ ଦେଇଛନ୍ତି । ସେମାନଙ୍କ ଅଭିଜ୍ଞତା, ଦୃଷ୍ଟିକୋଣ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଛି । ଅବସର ଗ୍ରହଣ କରୁଥିବା ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇ କେନ୍ଦ୍ରମନ୍ତ୍ରୀ ତଥା ଗୃହର ନେତା ଜେ.ପି.ନଡ୍ଡା ସେମାନଙ୍କ ମୂଲ୍ୟବାନ ଅବଦାନକୁ ପ୍ରଶଂସା କରିଛନ୍ତି । କଂଗ୍ରେସର ପ୍ରମୋଦ ତିୱାରୀ, ଟିଏମ୍‌ସିର ଡେରେକ୍ ଓବରାଏନ,

ସିପିଆଇଏମ୍‌ର ଡକ୍ଟର ଜନ୍ ବ୍ରିଟାଶ, ଡିଏମ୍‌କେର ତିରୁଚି ଶିବା, ଜେଡିୟୁର ସଞ୍ଜୟ କୁମାର ଝା ଏବଂ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାଓ୍ୱାଲେ ଏହି ଅବସରରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ପରେ ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଦାବିକରି ସ୍ଲୋଗାନ ଦେଇଥିଲେ । ଉପାଧ୍ୟକ୍ଷ ହରିବଂଶ ଗୃହକୁ ସୁଚାରୁରୂପେ ଚଳାଇବା ପାଇଁ ବିକ୍ଷୋଭରତ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ ମଧ୍ୟ ହଟ୍ଟଗୋଳ ଜାରି ରହିଥିଲା । ଫଳରେ ସେ ରାଜ୍ୟସଭା ଅଧିବେଶନକୁ ଆଜି ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

## ପିଏମ୍-ଲଣ୍ଡନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ବ୍ରିଟିଶ ପ୍ରତିପକ୍ଷ କିର୍ ଷ୍ଟାର୍‌ମରଙ୍କ ମଧ୍ୟରେ ଆଜି ଦ୍ୱିପାକ୍ଷିକ ଆଲୋଚନା ହେବ । ଉଭୟ ଦେଶ ଆଜି ମୁକ୍ତବାଣିଜ୍ୟ ଚୁକ୍ତିନାମାରେ ସ୍ୱାକ୍ଷର କରିବେ । ଲଣ୍ଡନରୁ ୫୦ କିଲୋମିଟର ଉତ୍ତର-ପଶ୍ଚିମରେ ଅବସ୍ଥିତ ବ୍ରିଟିଶ୍ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ ଚେକର୍ସ'ରେ ଏହି ଆଲୋଚନା ଅନୁଷ୍ଠିତ ହେବ । ଦୁଇ ଦେଶ ମଧ୍ୟରେ ରଣନୈତିକ ସମ୍ପର୍କକୁ ଏହି ଆଲୋଚନା ଏକ ନୂତନ ଦିଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି' ପ୍ରତିରକ୍ଷା, ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଗତକାଲି ରାତିରେ ଦୁଇଦିନିଆ ଗସ୍ତରେ ବ୍ରିଟେନ୍‌ରେ

ପହଞ୍ଚିଛନ୍ତି । ଆଜି ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଭାରତର ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋୟଲ୍ ଏବଂ ବ୍ରିଟେନ୍‌ର ବାଣିଜ୍ୟ ମନ୍ତ୍ରୀ ଜୋନାଥନ୍ ରିନୋଲ୍‌ଡସ୍ ଏହି ଚୁକ୍ତିରେ ସ୍ୱାକ୍ଷର କରିବେ । ପ୍ରାୟ ୩ ବର୍ଷରୁ ଅଧିକ ସମୟ ଧରି ଆଲୋଚନା ପରେ ସ୍ୱାକ୍ଷରିତ ହେବାକୁ ଥିବା ଏହି ବାଣିଜ୍ୟ ଚୁକ୍ତିନାମା ଯୋଗୁଁ ଭାରତର ସାମଗ୍ରୀଗୁଡ଼ିକ ସେଠାକାର ବଜାରରେ ପ୍ରବେଶ କରିବ ଏବଂ ୯୯ ପ୍ରତିଶତ ଉତ୍ପାଦ ବର୍ଗ ଉପରେ ଶୁଳ୍କ ଉଚ୍ଛେଦ ଯୋଗୁଁ ଭାରତ ଲାଭବାନ ହେବ ।

ସୂଚନା ଅନୁଯାୟୀ ଏହି ଚୁକ୍ତିନାମା ଫଳରେ ବ୍ରିଟିଶ କମ୍ପାନୀଗୁଡ଼ିକ ଭାରତରେ ଏବଂ ଭାତରୀୟ କମ୍ପାନୀଗୁଡ଼ିକ ସେଠାରେ ନୂଆ ବ୍ୟବସାୟ କରିବାର ସୁଯୋଗ ପାଇବେ ଓ ଏହାଦ୍ୱାରା ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏ ସମ୍ପର୍କରେ ଏକ ରିପୋର୍ଟ...

**V/O (Rajesh Bali)**

ପ୍ରଧାନମନ୍ତ୍ରୀ ଆସନ୍ତାକାଲି ମାଲଦ୍ୱୀପ ଯାତ୍ରା କରିବେ । ସେଠାରେ ମାଲଦ୍ୱୀପ ସ୍ୱାଧୀନତାର ୬୦ତମ ବାର୍ଷିକୀ ପାଳନରେ ସମ୍ମାନିତ ଅତିଥିଭାବେ ଯୋଗଦେବେ । ମାଲଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ସହ ଶ୍ରୀ ମୋଦି ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଆଲୋଚନା କରିବା ସହ କେତେକ ପ୍ରକଳ୍ପର ଉଦ୍‌ଘାଟନ କରିବେ ।

# ଏସ୍‌ସି ଷ୍ଟେଜ୍-ବମ୍ବେ ହାଇକୋର୍ଟ ଅର୍ଡର

୨୦୦୬ ମସିହାରେ ମୁମ୍ବାଇରେ ଘଟିଥିବା ଟ୍ରେନ୍ ବିସ୍ଫୋରଣ ଘଟଣାରେ ବମ୍ବେ ହାଇକୋର୍ଟ ୧୨ଜଣ ଅଭିଯୁକ୍ତଙ୍କୁ ମୁକ୍ତ କରିବା ଘଟଣାରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି ।

ଆଜି ସୁପ୍ରିମକୋର୍ଟ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବିରୋଧ କରି ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ଆଗତ ଆବେଦନ ଉପରେ ବିଚାର କରି ଏହି ଟ୍ରେନ୍ ବିସ୍ଫୋରଣର ୧୨ଜଣ ଅଭିଯୁକ୍ତଙ୍କୁ ନୋଟିସ୍ ଜାରି କରିଛନ୍ତି । ସଲିସେଟର ଜେନେରାଲ ତୁଷାର ମେହେଟ୍ଟା ମହାରାଷ୍ଟ୍ର ପକ୍ଷରୁ ଜଷ୍ଟିସ୍ ଏମ୍.ଏମ୍.ସୁନ୍ଦରେଶ ଏବଂ ଜଷ୍ଟିସ ଏନ୍.କେ. ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କୁ ଜଣାଇଛନ୍ତି ଯେ ଏହି ମାମଲାରେ ଜେଲ୍‌ରୁ ଖଲାସ ହୋଇଥିବା ୧୨ଜଣ ଅଭିଯୁକ୍ତଙ୍କୁ ପୁଣି ଆତ୍ମସମର୍ପଣ କରିବା ଲାଗି ନିର୍ଦ୍ଦେଶ ଦେବାକୁ ଚାହୁଁନାହାନ୍ତି । ଅନ୍ୟପକ୍ଷରେ ଏହି ରାୟ ଉପରେ ବମ୍ବେ ହାଇକୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ଅନ୍ୟକେତେକ ନିର୍ଦ୍ଦେଶାବଳୀ ଅନ୍ୟ ମାମଲାକୁ ପ୍ରଭାବିତ କରିବା ନେଇ ଆଶଙ୍କା ରହିଥିବା ସେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅବଗତ କରାଇଛନ୍ତି ।

## ଅମିତ ଶାହା - କୋଅପରେଟିଭ୍ ପଲିସି

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ୍ ଶାହା ଆଜି ନୂଆଦିଲ୍ଲୀର ଅଟଳ ଅକ୍ଷୟ ଉର୍ଜ୍ଜା ଭବନରେ ସମବାୟ ନୀତି-୨୦୨୫ ଘୋଷଣା କରିବେ । ଭାରତରେ ସମବାୟ କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ଭାବେ ଏହି ନୀତି ଆସନ୍ତା ୨୦ ବର୍ଷ ପର୍ଯ୍ୟନ୍ତ ସମବାୟ ଆନ୍ଦୋଳନକୁ ମାର୍ଗଦର୍ଶନ କରିବ ବୋଲି ଆଶା କରାଯାଉଛି । ସମବାୟ ମନ୍ତ୍ରଣାଳୟ ଅନୁଯାୟୀ ଜାତୀୟ ସମବାୟ ନୀତି 'ସହଯୋଗ ମାଧ୍ୟମରେ ସମୃଦ୍ଧି' ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି । ଏହା ତୃଣମୂଳ ସ୍ତରରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ସହ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ହାସଲ କରିବା ଦିଗରେ ସମବାୟର ଭୂମିକାକୁ ଆହୁରି ଦୃଢ଼ କରିବ । ନୂତନ ନୀତି ଅନୁଯାୟୀ ସମବାୟ ପ୍ରତିଷ୍ଠାନଗୁଡ଼ିକୁ ବୃତ୍ତିଗତ ଢଙ୍ଗରେ ପରିଚାଳନା କରିବା ଏବଂ ଭବିଷ୍ୟତର ଲକ୍ଷ୍ୟ ହାସଲକୁ ଦୃଷ୍ଟିରେ ରଖି ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁରେଶ ପ୍ରଭୁଙ୍କ ଅଧ୍ୟକ୍ଷତାରେ ଗଠିତ ୪୮ ଜଣିଆ କମିଟି ଏହି ସମବାୟ ନୀତି ପ୍ରସ୍ତୁତ କରିଛନ୍ତି ।

## ଇଣ୍ଡିଆ-ଚାଇନା ଭିସା

୫ ବର୍ଷର ବ୍ୟବଧାନ ପରେ ଭାରତ ଆଜିଠାରୁ ଚୀନ୍ ନାଗରିକମାନଙ୍କୁ ପର୍ଯ୍ୟଟନ ଭିସା ପ୍ରଦାନ କରିବା ଆରମ୍ଭ କରିଛି । ବେଜିଂରେ ଥିବା

ଭାରତୀୟ ଦୂତାବାସ ଏବଂ ସାଂଘାଇ ଓ ଗୁଆଙ୍ଗଝୁରେ ଥିବା କଂସୁଲେଟରେ ଭିସା ପାଇଁ ଚୀନ୍ ନାଗରିକମାନେ ଅନ୍‌ଲାଇନ୍ ଆବେଦନ କରିପାରିବେ ବୋଲି କୁହାଯାଇଛି । ବେଜିଂ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚୀନ୍ ନାଗରିକମାନେ ଆବେଦନ କେନ୍ଦ୍ରରେ ପାସ୍‌ପୋର୍ଟ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଦାଖଲ କରିବା ପରେ ପର୍ଯ୍ୟଟନ ଭିସା ପାଇଁ ଆବେଦନ କରିପାରିବେ । ସୂଚନାଯୋଗ୍ୟ ଗତମାସ ୩୦ ତାରିଖରେ କୈଳାସ ମାନସରୋବର ଯାତ୍ରା ପୁର୍ନବାର ଆରମ୍ଭ ହେବା ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

## ସ୍ପୋର୍ଟସ ରାଉଣ୍ଡ ଅପ୍

ଭାରତର କ୍ରୀଡ଼ାବିତ୍‌ମାନେ ବିଦେଶରେ ଚାଲିଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ଅର୍ଜନ କରୁଛନ୍ତି । ଆଜି ଭାରତ-ଇଂଲଣ୍ଡ ଚତୁର୍ଥ ଟେଷ୍ଟମ୍ୟାଚ୍‌ର ଦ୍ୱିତୀୟ ଦିନର ଖେଳ ଆରମ୍ଭ ହେବାକୁ ଥିବାବେଳେ ଚେସ୍ ଏବଂ ବ୍ୟାଡମିଣ୍ଟନରେ ମଧ୍ୟ ଭାରତୀୟ କ୍ରୀଡ଼ାବିତ୍‌ମାନେ ମୁକାବିଲା କରିବେ । ଏ ସମ୍ପର୍କରେ ଏକ ରିପୋର୍ଟ...

**V/O**

କ୍ରିକେଟ୍‌ରେ ଭାରତ ଆଜି ମାଞ୍ଚେଷ୍ଟର୍‌ର ଓଲ୍‌ଡ ଟ୍ରାଫୋର୍ଡ଼ଠାରେ ଆଣ୍ଡର୍ସନ୍-ତେନ୍ଦୁଲ୍‌କର ଟ୍ରଫିର ଚତୁର୍ଥ ଟେଷ୍ଟର ଦ୍ୱିତୀୟ ଦିନରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଇନିଙ୍ଗ୍‌ସ୍ ବ୍ୟାଟିଂ ଜାରି ରଖିବ । ଭାରତୀୟ ସମୟ ଅପରାହ୍ଣ ସାଢ଼େ ୩ଟାରେ ମ୍ୟାଚ୍ ଆରମ୍ଭ ହେବ । ଖରାପ ଆଲୋକ ଯୋଗୁଁ ଗତକାଲି ପ୍ରଥମ ଦିନରେ ୮୩ ଓଭର ଖେଳ ସମ୍ଭବ ହୋଇଥିଲା ।

ଭାରତ ୪ ୱିକେଟ୍ ହରାଇ ୨୬୪ ରନ୍ ସ୍କୋର୍ କରିଥିଲା । ସାଇ ସୁଦର୍ଶନ ସର୍ବାଧିକ ୬୧ ରନ୍ ସ୍କୋର୍ କରିଥିବାବେଳେ ଯଶସ୍ୱୀ ଯଇସ୍ୱାଲ ୫୮ ରନ୍ ସ୍କୋର୍ କରିଥିଲେ । ୫ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨ଟି ମ୍ୟାଚ୍ ଜିତି ଆଗୁଆ ରହିଥିବାବେଳେ ଭାରତ ଗୋଟିଏ ମ୍ୟାଚ୍ ଜିତିଛି ।

ଚେସ୍‌ରେ ଭାରତର ଦିବ୍ୟା ଦେଶମୁଖ ଜର୍ଜିଆର ବାଟୁମି'ରେ ଅନୁଷ୍ଠିତ ଫିଡେ ମହିଳା ବିଶ୍ୱକପ୍-୨୦୨୫ର ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି । ସେମିଫାଇନାଲ୍‌ରେ ସେ ଚୀନ୍‌ର ଟାନ୍ ଝୋଙ୍ଗି'ଙ୍କୁ ପରାସ୍ତ କରିଛନ୍ତି । ଏହି ବିଜୟ ସହିତ ଦିବ୍ୟା ୨୦୨୬ରେ ହେବାକୁ ଥିବା କ୍ୟାଣ୍ଡିଡେଟ୍‌ସ ଟୁର୍ଣ୍ଣାମେଣ୍ଟରେ ମଧ୍ୟ ସ୍ଥାନ ପାଇଛନ୍ତି । ୧୯ ବର୍ଷୀୟା ଦିବ୍ୟା ଦେଶମୁଖ ଫିଡେ ବିଶ୍ୱକପ୍‌ର ଫାଇନାଲ୍‌ରେ ପ୍ରବେଶ କରିଥିବା ପ୍ରଥମ ଭାରତୀୟ ଖେଳାଳି ବିବେଚିତ ହୋଇଛନ୍ତି । ସେ ଚୀନ୍ ଓ ଭାରତ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍‌ର ବିଜେତାଙ୍କ ସହ ମୁକାବିଲା କରିବେ । ଅନ୍ୟପକ୍ଷରେ ଭାରତର କୋନେରୁ ହମ୍ପି ଏବଂ ଚୀନ୍‌ର ଲି ଟିଙ୍ଗଜିଙ୍କ ମଧ୍ୟରେ ଆଜି ସେମିଫାଇନାଲ ଟ୍ରାଇବ୍ରେକର ମ୍ୟାଚ୍ ଅନୁଷ୍ଠିତ ହେବ । ଗତକାଲି ଉଭୟଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଥିଲା ।

ଫୁଟ୍‌ବଲ୍‌ରେ ଗତକାଲି କୋଲ୍‌କାତାର ବିବେକାନନ୍ଦ ଯୁବଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ଡୁରାଣ୍ଡ କପ୍-୨୦୨୫ର ମ୍ୟାଚ୍‌ରେ ପୂର୍ବବେଙ୍ଗଲ୍ ୫-୦ ଗୋଲ୍‌ରେ ଦକ୍ଷିଣ ୟୁନାଇଟେଡ୍ ଫୁଟ୍‌ବଲ୍ କ୍ଲବ୍‌କୁ ପରାସ୍ତ କରିଛି । ଏହି ଡୁରାଣ୍ଡ୍ କପ୍‌ରେ ମୋଟ ୪୩ଟି ମ୍ୟାଚ୍ ଖେଳାଯିବ ଏବଂ ଅଗଷ୍ଟ ୨୩ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

ବ୍ୟାଡ୍‌ମିଣ୍ଟନରେ ଭାରତର ପି.ଭି. ସିନ୍ଧୁ ଜାପାନର ଟୋମୋକା ମିଆଜାକି’ଙ୍କୁ ୨-୧ରେ ପରାସ୍ତ କରି ଚାଇନା ଓପନ୍ ବ୍ୟାଡ୍‌ମିଣ୍ଟନର ମହିଳା ଏକକ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଅନ୍ୟ ଏକ ମ୍ୟାଚ୍‌ରେ ଭାରତର ଉନ୍ନତି ହୁଡ୍ଡା ମଧ୍ୟ ପ୍ରି-କ୍ୱାର୍ଟର ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି । ପୁରୁଷ ଡବଲ୍‌ସ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଏବଂ ଚିରାଗ ସେଟ୍ଟୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ଏହି ଭାରତୀୟ ଯୋଡ଼ି ଇଣ୍ଡୋନେସିଆ ଯୋଡ଼ି ଲିଓ ରୋଲି କାର୍ଣ୍ଣାଡୋ ଏବଂ ବାଗାସ୍ ମୌଲାନାଙ୍କୁ ପରାସ୍ତ କରିଛନ୍ତି । ପୁରୁଷ ସିଙ୍ଗଲ୍‌ସରେ ଏଚ୍.ଏସ୍.ପ୍ରଣୟ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଚୀନ୍‌ର ଚାଉ ତିଏନ୍ ଚେନ୍‌ଙ୍କଠାରୁ ୨୧-୧୮, ୧୫-୨୧, ୮-୨୧ରେ ପରାସ୍ତ ହୋଇଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟ ରଞ୍ଜନ ମିଶ୍ର ।